# ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନ ହେବ ଆଇଆଇଟି




ଭୁବନେଶ୍ୱର,୧୨।୧(ଇମିସ): ବିଜ୍ଞାନ ଏବଂ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଭୁବନେଶ୍ୱର ଭାରତୀୟ ପ୍ରଦୌଗିକ ସଂସ୍ଥାନ(ଆଇଆଇଟି)କୁ ବିଶ୍ୱସ୍ତରୀୟ ଶିକ୍ଷାନୁଷ୍ଠାନରେ ପରିଣତ କରାଯିବ। ଶିକ୍ଷାନୁଷ୍ଠାନର ଶୈକ୍ଷିକ ବାତାବରଣ ବୃଦ୍ଧି ସହ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ବାହାର ସଂସ୍ଥା ସହ ଆଇଆଇଟି ରାଜିନାମା ସ୍ୱାକ୍ଷର କରିଛି। ଏହାକୁ ଆହୁରି ବ୍ୟାପକ କରାଯିବା ସହ ଏଥିରେ କିଭଳି ଅଧିକରୁ ଅଧିକ ସଂସ୍ଥାକୁ ସାମିଲ କରାଯାଇ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଇ ପାରିବ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଭୁବନେଶ୍ୱର ଆଇଆଇଟିର ୮ମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ସେ ଆହୁରି କହିଲେ, କେନ୍ଦ୍ର ସରକାରଙ୍କ ପକ୍ଷରୁ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁ ଏନର୍ଜି ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ରାଜ୍ୟ ସରକାର. ଆଇଆଇଟି ନିକଟରେ ଜମି ଯୋଗାଇ ଦେଇଛନ୍ତି। ପ୍ରେଜେକ୍ଟ ସେଣ୍ଟର ଫର ମ୍ୟାନେଜ୍‌ମେଣ୍ଟ ମାଧ୍ୟମରେ ରାସ୍ତା ଉନ୍ନତିକରଣ ଟେକ୍ନୋଲୋଜି ପାଇଁ ରାଜ୍ୟ ସରକାର ଆଇଆଇଟି ସହ ରାଜିନାମା କରିଛନ୍ତି। ଫଳରେ ନୂତନ ଟେକ୍ନୋଲୋଜି ବିକାଶ ହେବା ସହ ଗ୍ରାମାଞ୍ଚଳ ରାସ୍ତାର କିଭଳି ବିକାଶ ହୋଇପାରିବ ତାହା ଉପରେ ଗବେଷଣା ହୋଇପାରିବ। ବି.ଟେକ୍ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ଆଇଆଇଟି ପକ୍ଷରୁ କରାଯିବାକୁ ଥିବା ଉଦ୍ୟୋଗୀ ପାର୍କ ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

## ପ୍ରତିଷ୍ଠା ହେବ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁ ଏନର୍ଜି

## ଜୁଲାଇରୁ ଅଧିକ ୮୦ ସିଟ୍‌ରେ ହେବ ନାମଲେଖା

ଉତ୍ସବରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆମେରିକାରେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ଲଳିତ ମନସିଂ କହିଲେ, ଜଳବାୟୁ ପରିବର୍ତ୍ତନ, ନ୍ୟୁକ୍ଲିୟର ଏବଂ ଆତଙ୍କବାଦୀ ସମସ୍ୟା ବିଶ୍ୱବାସୀଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହାକୁ ମୁକାବିଲା କରିବାକୁ ଆଜିର ଯୁବପିଢ଼ି ତଥା ଛାତ୍ରଛାତ୍ରୀ ନିଜକୁ ପ୍ରସ୍ତୁତ କରିବା ଆବଶ୍ୟକ। ଏହି ଅବସରରେ ଶ୍ରୀ ମାନସିଂ ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ କାର୍ଯ୍ୟଦକ୍ଷତାକୁ ସ୍ମରଣ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ଗଠନ ଏବଂ ଏହାର ବିକାଶ ଉପରେ ଆଲୋକପାତ କରିଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ପ୍ରଦୀପ ପାଣିଗ୍ରାହୀ, ବୈଷୟିକ ଶିକ୍ଷା ଓ ତାଲିମ ବିଭାଗ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦକ୍ଷତା ବିକାଶରେ ଆଇଆଇଟିର ଭୂମିକା ସମ୍ପର୍କରେ ମତପ୍ରକାଶ କରିଥିଲେ। ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାର ସ୍ୱାଗତଭାଷଣ ଦେଇ କହିଥିଲେ ଯେ, ଆଇଆଇଟି ସିଟ୍ ସଂଖ୍ୟା ପ୍ରତିବର୍ଷ ପର୍ଯ୍ୟାୟକ୍ରମେ ବୃଦ୍ଧି କରାଯିବ। ଆସନ୍ତା ଜୁଲାଇରେ ମୋଟ ସିଟ୍‌ର ୩୦ ପ୍ରତିଶତ ଅର୍ଥାତ୍ ୮୦ ସିଟ୍ ବୃଦ୍ଧି କରାଯାଇ ଶିକ୍ଷାଦାନ କରାଯିବ। ଉତ୍ସବରେ ପ୍ରଫେସର ଶୁଭାଶିଷ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଇଆଇଟିଗୁଡ଼ିକ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ଅତିଥିମାନେ ବୃକ୍ଷରୋପଣ କରିଥିଲେ। ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।